# ମୋଦି ସରକାରଙ୍କ ଅନୁଦାନରେ ଆଜି ଓଡିଶାରେ ୪ ଟି ମେଡିକାଲ କଲେଜ ପ୍ରତିଷ୍ଠା ସମ୍ଭବ ହୋଇଛି : ଅଶ୍ୱିନୀ ଚୌବେ

- **ମେଡିକାଲ କଲେଜ ନିର୍ମାଣ ଅନୁଦାନକୁ ନେଇ ବିଜେଡିର ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ**
- **ମେଡିକାଲ କଲେଜ ନିର୍ମାଣ ପାଇଁ ୫୫୭ କୋଟି ଅର୍ଥ ଅନୁଦାନ କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି**
- **ରାଜ୍ୟରେ ୪ ଟି ମେଡିକାଲ କଲେଜକୁ ୧୧୩ କୋଟି ହିସାବରେ କେନ୍ଦ୍ର ସରକାର ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି**
- **ଜଗ୍ନାଥଧାମ ପୁରୀରେ ହେବାକୁ ଥିବା ୫ମ ମେଡିକାଲ କଲେଜ ପାଇଁ ୧୦୫ କୋଟି ଟଙ୍କା ଅନୁଦାନ ମିଳିସାରିଛି**
- **ପୁରୀରେ ମେଡିକାଲ କଲେଜ ନିର୍ମାଣ କୌଣସି କାର୍ଯ୍ୟ ନହେବା ପ୍ରସଙ୍ଗରେ ଖୁବଶୀଘ୍ର ମନ୍ତ୍ରାଳୟକୁ ରିପୋର୍ଟ ଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ**

**ଭୁବନେଶ୍ୱର, ତା ୦୩/୦୯ :** ମୋଦି ସରକାରଙ୍କ ଅନୁଦାନରେ ଆଜି ଓଡିଶାରେ ୪ ଟି ମେଡିକାଲ କଲେଜ ସମ୍ଭବ ହୋଇପାରିଛି । ବିଜେଡି ଦଳର ସାଂସଦ ତଥା ପ୍ରବକ୍ତା ରାଜ୍ୟରେ ନୂତନ ମେଡିକାଲ କଲେଜ ନିର୍ମାଣ ପାଇଁ କୌଣସି ଅନୁଦାନ କେନ୍ଦ୍ର ସରକାର ଦେଇନଥିବା ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ଚୌବେ କହିଛନ୍ତି ।

ରାଜ୍ୟରେ ମେଡିକାଲ କଲେଜ ନିର୍ମାଣ ପାଇଁ ୫୫୭ କୋଟି ଟଙ୍କା ଅନୁଦାନ କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି । ଆନୁମାନିକ ୧୭୯ କୋଟି ପ୍ରତ୍ୟେକ ମେଡିକାଲ କଲେଜର ପ୍ରୋଜେକ୍ଟ ପାଇଁ ଖର୍ଚ୍ଚ ହୁଏ । ରାଜ୍ୟରେ ୪ ଟି ମେଡିକାଲ କଲେଜକୁ ୧୧୩ କୋଟି ହିସାବରେ କେନ୍ଦ୍ର ସରକାର ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି । ଦେଶ ସାରା ୫୮ଟି ମେଡିକାଲ କଲେଜକୁ କେନ୍ଦ୍ର ସରକାର ଏପରି ଅର୍ଥ ପ୍ରଦାନ କରାଯାଇଛି ବୋଲି ଶ୍ରୀ ଚୌବେ କହିଛନ୍ତି ।

ସେହିପରି ଜଗ୍ନାଥଧାମ ପୁରୀରେ ହେବାକୁ ଥିବା ୫ମ ମେଡିକାଲ କଲେଜ ପାଇଁ ୧୦୫ କୋଟି ଟଙ୍କା ଅନୁଦାନ ମିଳିସାରିଛି । ୮ କୋଟି ଟଙ୍କାର ୟୁଟିଲାଇଜେସନ ସାର୍ଟିଫିକେଟ ନମିଳିବାରୁ ବାକି ଅର୍ଥ ପ୍ରଦାନ କରାଯାଇପାରିନାହିଁ । ଅନ୍ୟପଟେ ପୁରୀରେ ମେଡିକାଲ କଲେଜ ନିର୍ମାଣ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି କାମ ଆରମ୍ଭ ହୋଇନାହିଁ । ଜଗନ୍ନାଥ ଧାମକୁ ସବୁ ରାଜ୍ୟରୁ ତୀର୍ଥଯାତ୍ରୀ ଆସୁଥିବାରୁ ସେଠାରେ ଏକ ଉନ୍ନତ ମାନର ମେଡିକାଲ କଲେଜ ଖୋଲିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଥିଲା । କିନ୍ତୁ ଦୁର୍ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ସେଠି କାମ ଆରମ୍ଭ ହୋଇନାହିଁ । ଖୁବଶୀଘ୍ର ବିଭାଗୀୟ ମନ୍ତ୍ରାଳୟକୁ ଏହି ସମ୍ବନ୍ଧରେ ରିପୋର୍ଟ ଦେବେ ବୋଲି ଶ୍ରୀ ଚୌବେ କହିଛନ୍ତି ।

ଦେଶ ସ୍ୱାଧୀନ ହେବାର ୭୦ ବର୍ଷରେ ଯେତିକି ମେଡିକାଲ କଲେଜ ଖୋଲିନଥିଲା ତାହାଠୁ ଅଧିକ ମେଡିକାଲ କଲେଜ ବିଗତ ୪ ବର୍ଷରେ ଖୋଲିଛି । ୪ ବର୍ଷରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦଙ୍କ ମାର୍ଗ ଦର୍ଶନରେ ସମୁଦାୟ ୧୧୮ଟି ସରକାରୀ ଏବଂ ବେସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି । ସେଥିମଧ୍ୟରୁ ୫ଟି ମେଡିକାଲ କଲେଜ ପ୍ରଥମଥର ପାଇଁ ଓଡିଶାରେ ଖୋଲିବାକୁ ନେଇ ନିଷ୍ପତି ହୋଇଥିଲା । ଭୁବନେଶ୍ୱରରେ ଏମସ୍ ପ୍ରତିଷ୍ଠା ହେବା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ । ସେହିପରି ବାଲେଶ୍ୱରଠାରେ ୩୦୦ ବେଡ ବିଶିଷ୍ଟ ଏମ୍ସର ଏକ ସାଟେଲାଇଟ ସେଟଂର ଶିଳାନ୍ୟାସ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା କରିଛନ୍ତି । ଏହି ମେଡିକାଲ ପାଇଁ ୪୦.୩୧ କୋଟି ଅନୁଦାନ ଦିଆଯାଇଛି ଏବଂ ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ ବୋଲି ଶ୍ରୀ ଚୌବେ କହିଛନ୍ତି ।

ଏହା ଛଡା ରାଜ୍ୟରେ ୩ଟି ମେଡିକାଲ କଲେଜରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ହେବା ପାଇଁ ୧୩୦ କୋଟି ଟଙ୍କାର ସହାୟତା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି । ଏଥି ସହ ପ୍ରତ୍ୟେକ ମେଡିକାଲ କଲେଜ ପାଇଁ ୧୨୦ କୋଟି ଟଙ୍କା ଲେଖାଏଁ କେନ୍ଦ୍ର ସରକାର ପ୍ରଦାନ କରିବେ । ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ ବ୍ରହ୍ମପୁରର ଏମ.କେ.ସି.ଜି ମେଡିକାଲ କଲେଜ ୯୨ପ୍ରତିଶତ, ବୁର୍ଲାର ଭି.ଏସ.ଏସ ମେଡିକାଲ କଲେଜ ୩୨ପ୍ରତିଶତ କାର୍ଯ୍ୟ ସରିଛି । କେବଳ କଟକ ଏସସିବି ମେଡିକାଲ କଲେଜର ଟେଣ୍ଡର କାର୍ଯ୍ୟ ଏବେ ଚାଲୁ ରହିଛି ବୋଲି ଶ୍ରୀ ଚୌବେ କହିଛନ୍ତି ।

ଓଡିଶାରେ ମୋଦି ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନାକୁ ରାଜ୍ୟରେ ଲାଗୁ କରିବା ପାଇଁ ଶ୍ରୀ ଚୌବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହା ଲାଗୁ କଲେ ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ଲୋକମାନେ ଏହି ସୁବିଧା ଉଠାଇ ପାରିବେ । ରାଜ୍ୟ ସରକାରଙ୍କ ଯୋଜନା କେବଳ ରାଜ୍ୟ ଭିତରେ ସୀମିତ ଅଟେ । ଆୟୁଷ୍ମାନ ଭାରତ ଯୋଜନା ଲାଗୁ କଲେ ଓଡିଶା ବାହାରେ ଥିବା ଲକ୍ଷ ଲକ୍ଷ ଓଡିଆ ଏହାର ସୁବିଧା ଉଠାଇ ପାରିବେ । ଏହା ସହ ରାଜ୍ୟ ବାହରକୁ ଚିକିତ୍ସା ପାଇଁ ଯାଉଥିବା ଗରିବ ଲୋକ ମଧ୍ୟ ଏହାର ଲାଭ ନେଇପାରିବ ବୋଲି ଶ୍ରୀ ଚୌବେ କହିଛନ୍ତି ।

ଆଗାମୀ ଦିନରେ କେନ୍ଦ୍ର ସରକାର ଦେଶରେ ୧.୫ କୋଟି ୱେଲନେସ ସେଟଂର ଖୋଲିବାକୁ ନିଷ୍ପତି ନିଆଯାଇଛି । ଚଳିତ ବର୍ଷ ୧୫ ହଜାର ୱେଲନେସ ସେଟଂର ଖୋଲିବାକୁ ଯାଉଛି । ଏଥିରେ ୧୨ଟି ରୋଗ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ସେହିପରି ଆୟୁଷ୍ମାନ ଭାରତରେ ୧୩୫୦ଟି ରୋଗର ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି । ଆଗାମୀ ୨୫ ସେପ୍ଟେମ୍ବର ଦିନ ୱେଲନେସ ସେଟଂରର ଶୁଭାରମ୍ଭ ହେବ ବୋଲି ଶ୍ରୀ ଚୌବେ ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**